# NATIONAL NEWS BULLETIN (ODIA)
## 12th August - 2024
## Morning Bulletin : 7.15 a.m.

************************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତା ୨୫ ତାରିଖ ରବିବାର ଦିନ ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ନେପାଳ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚନା କଲେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ।

- ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ ଉଦ୍‌ଯାପିତ ।

— ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଉଦ୍ୟମକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।

- ଯଥାଶୀଘ୍ର କାର୍ଯ୍ୟରେ ଯୋଗଦେବାକୁ ପୁଲିସ୍ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଲେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ।

ଏବଂ

- ନୀଟ୍-ପି.ଜି. ପ୍ରବେଶିକା ପରୀକ୍ଷା ଗତକାଲି ସଫଳତାର ସହ ଶେଷ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୫ ତାରିଖ ରବିବାର ଦିନ ଆକାଶବାଣୀର ମାସିକ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ଏହା ହେବ ମନ୍ କୀ ବାତ୍‌ର ୧୧୩ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କଠାରୁ ସେମାନଙ୍କର ବିଚାର ଓ ପ୍ରସ୍ତାବ ଆହ୍ୱାନ କରିଛନ୍ତି । ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦ ମାଧ୍ୟମରେ ସେମାନଙ୍କର ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଛି । ସେହିଭଳି ନରେନ୍ଦ୍ର ମୋଦି ଆପ୍ କିମ୍ବା ମାଇଁ ଗଭ୍ ଓପନ୍ ଫୋରମ୍ ମାଧ୍ୟମରେ ମଧ୍ୟ ଦେଶବାସୀ ସେମାନଙ୍କ ମତ ଉପସ୍ଥାପନ କରିପାରିବେ । ଆସନ୍ତା ୨୩ ତାରିଖ ଶୁକ୍ରବାର ସୁଦ୍ଧା ମତ ଉପସ୍ଥାପନ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ନେଟ୍‌ୱାର୍କ, ନ୍ୟୁଜଅନ୍ ଏୟାର ମୋବାଇଲ୍ ଆପ୍ ଏବଂ ଆକାଶବାଣୀ, ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧାସଳଖ ପ୍ରସାରଣ କରାଯିବ । ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ ।

# ଆଇ.ଏଫ୍.ଏସ୍. ମିଶ୍ରି ନେପାଳ ଭିଜିଟ୍

ଦୁଇ ଦିନିଆ ନେପାଳ ଗସ୍ତରେ ଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗତକାଲି ରାଷ୍ଟ୍ରପତି ରାମଚନ୍ଦ୍ର ପୌଡ଼େଲ୍ ଏବଂ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । କାଠମାଣ୍ଡୁସ୍ଥିତ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଶୀତଳ ନିବାସରେ ରାଷ୍ଟ୍ରପତି ପୌଡେଲ୍‌ଙ୍କ ସହ ସାକ୍ଷାତ୍ ଆଲୋଚନାବେଳେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ନେଇ କଥାବାର୍ତ୍ତା ହୋଇଛି । ରାଷ୍ଟ୍ରପତି ପୌଡେଲ୍‌ଙ୍କ ଗଣମାଧ୍ୟମ ପରାମର୍ଶଦାତା କିରଣ ପୋଖରେଲ୍ କହିଛନ୍ତି, ଆଲୋଚନା କାଳରେ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପନ ଭଳି ପ୍ରସଙ୍ଗରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଶ୍ରୀ ପୌଡେଲ୍ ଗୁରୁତ୍ୱାରୋପ କରିଥିଲେ ।

ଏହାପରେ ଶ୍ରୀ ମିଶ୍ରି ସିଂହ ଦରବାରସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଭେଟିଥିଲେ । କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଆଲୋଚନା କାଳରେ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଶ୍ରୀ ମିଶ୍ରି ଗୁରୁତ୍ୱ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ପରିପ୍ରେକ୍ଷୀରେ ଶ୍ରୀ ମିଶ୍ରି କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପରିସରରେ ଏକ ଚାରାରୋପଣ କରିଛନ୍ତି ।

ନେପାଳୀ ପ୍ରତିପକ୍ଷ ସେବା ଲାମ୍ସାଇଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମିଶ୍ରି ଦୁଇ ଦିନିଆ ନେପାଳ ଗସ୍ତରେ ଯାଇ ଗତକାଲି କାଠମାଣ୍ଡୁଠାରେ ପହଞ୍ଚିଥିଲେ । ଏହି ଗସ୍ତ ଅବସରରେ ସେ ନେପାଳ ଅର୍ଥମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଅଲିମ୍ପିକ୍ସ କ୍ଲୋଜିଙ୍ଗ୍

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଗତକାଲି ଉଦ୍ଯାପିତ ହୋଇଛି । ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସର ଏହି ୩୩ତମ ସଂସ୍କରଣ ଗତମାସ ୨୬ ତାରିଖରୁ ଆରମ୍ଭ ହୋଇଥିଲା । ଫ୍ରାନ୍ସର ଷ୍ଟାଡ୍ ଡି. ଷ୍ଟାଡିୟମ୍ଠାରେ ଉଦ୍ଯାପନୀ ସମାରୋହରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ଆଇ.ଓ.ସି.ର ସଭାପତି ଥମାସ୍ ବାକ୍ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ଯୋଗ ଦେଇଥିଲେ । ଫ୍ରାନ୍ସ ପାଇଁ ସନ୍ତରଣରେ ୪ଟି ସ୍ୱର୍ଣ୍ଣପଦକ ଜିତିଥିବା ଲିଓନ୍ ମର୍ଚ୍ଚାଣ୍ଟ୍ ପ୍ରଥମେ ଅଲିମ୍ପିକ୍ସ ମଶାଲ ଧରି ଷ୍ଟାଡିୟମ୍ ମଧ୍ୟକୁ ପ୍ରବେଶ କରିଥିଲେ । ବିଭିନ୍ନ ପ୍ରତିଯୋଗୀ

ଦେଶର ଦୁଇ ଜଣ ଲେଖାଏଁ ଖେଳାଳି ଜାତୀୟ ପତାକା ଧରି ଷ୍ଟାଡିୟମ୍‌କୁ ପ୍ରବେଶ କରିଥିଲେ । ଭାରତ ପକ୍ଷରୁ ହକି ଖେଳାଳି ପି.ଆର୍. ଶ୍ରୀଜେଶ୍ ଏବଂ ବନ୍ଧୁକଚାଳକ ମନୁ ଭାକର୍ ଜାତୀୟ ପତାକା ବହନ କରିଥିଲେ ।

ଏହି ଅଲିମ୍ପିକ୍ସ ପ୍ରତିଯୋଗିତାରେ ଗତକାଲି ଶେଷଦିନରେ ମହିଳା ଏବଂ ପୁରୁଷ ମାରାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା ବର୍ଗରେ ନେଦରଲ୍ୟାଣ୍ଡ୍‌ର ସିଫାନ ହାସନ୍ ଏବଂ ପୁରୁଷ ବର୍ଗରେ ଇଥିଓପିଆର ତାମିରାତ୍ ତୋଲା ସ୍ୱର୍ଣ୍ଣପଦକ ହାସଲ କରିଥିଲେ ।

୪୦ଟି ସ୍ୱର୍ଣ୍ଣ ସହ ୧୨୬ଟି ପଦକ ହାସଲ କରି ଆମେରିକା ଶୀର୍ଷ ସ୍ଥାନ ହାସଲ କରିଥିବାବେଳେ ସେହି ୪୦ଟି ସ୍ୱର୍ଣ୍ଣ ସହ ମୋଟ ୯୧ଟି ପଦକ ହାସଲ କରିଥିବା ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଥିଲା । ଜାପାନ ଏବଂ ଅଷ୍ଟ୍ରେଲିଆ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ଭାରତ ଗୋଟିଏ ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ୍ ପଦକ ସହ ୬ଟି ପଦକ ପାଇ ତାଲିକାର ୭୧ତମ ସ୍ଥାନରେ ରହିଥିଲା ।

## ପି.ଏମ୍. - ଅଲିମ୍ପିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତ୍ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ।

ପ୍ରତ୍ୟେକ ଭାରତୀୟ ସେମାନଙ୍କପାଇଁ ଗର୍ବିତ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଭାରତୀୟ ଦଳର ଉଦ୍ୟମକୁ ପ୍ରଶଂସା କରିଛନ୍ତି ।

## ବାଂଲାଦେଶ ପୁଲିସ୍

ବାଂଲାଦେଶରେ ଅଧିକାଂଶ ପୁଲିସ୍ କର୍ମଚାରୀ ଏପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି । ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା କଷ୍ଟସାଧ୍ୟ ହୋଇଛି । ଆୱାମୀ ଲିଗ୍ ପାର୍ଟିର ନେତା ଓ କର୍ମକର୍ତ୍ତା, ସଂଖ୍ୟାଲଘୁ, ସମାଜର ଅନ୍ୟାନ୍ୟ ଦୁର୍ବଳ ବର୍ଗର ଲୋକ ହିଂସାକାଣ୍ଡ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ମଧ୍ୟବର୍ତ୍ତୀକାଳୀନ ସରକାରର ଗୃହ ପରାମର୍ଶଦାତା ଏମ୍. ସଖାୱା ହୁସେନ୍ ପୁଲିସ୍ କର୍ମଚାରୀଙ୍କୁ ଯଥାଶୀଘ୍ର କାର୍ଯ୍ୟରେ ଯୋଗଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୌଲବୀ ବଜାର ଜିଲ୍ଲାରେ ବହୁ ଲୋକ ପ୍ରତିବାଦ ଶୋଭାଯାତ୍ରା କରିଥିଲେ । ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣ ଘଟଣାରେ ସେମାନେ ବିରୋଧ ପ୍ରଦର୍ଶନ କରିଥିଲେ ।

# ରୁଆଣ୍ଡା ପ୍ରେସିଡେଣ୍ଟ୍

ପଲ୍ କାଗାମେ ଚତୁର୍ଥ ଥରପାଇଁ ରୁଆଣ୍ଡାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଧାନ ବିଚାରପତି ଫୌଷ୍ଟିନ୍ ନେଜିଲିୟାୟୋ ଶ୍ରୀ କାଗାମେଙ୍କୁ ଶପଥପାଠ କରାଇଥିଲେ । ନିର୍ବାଚନରେ ୯୯ ପ୍ରତିଶତରୁ ଅଧିକ ଭୋଟ୍ ପାଇ ସେ ରାଷ୍ଟ୍ରପତି ଭାବେ ବିଜୟୀ ହୋଇଥିଲେ । ଏହି ନିର୍ବାଚନରେ ୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆଯାଇଥିଲା । ରାଷ୍ଟ୍ରପତି କାଗାମେଙ୍କୁ ସମାଲୋଚନା କରୁଥିବା ପ୍ରାର୍ଥୀଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଅନୁମତି ପ୍ରଦାନ କରାଯାଇ ନ ଥିଲା ।

ଅନ୍ୟପକ୍ଷରେ ନିର୍ବାଚନ ଫଳାଫଳକୁ ନେଇ ସେ ଦେଶର ଗଣତାନ୍ତ୍ରିକ ଅଧିକାରପାଇଁ କାର୍ଯ୍ୟ କରୁଥିବା କର୍ମୀମାନେ ସମାଲୋଚନା କରିଛନ୍ତି । ଏଭଳି ନିର୍ବାଚନ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାର ଅଭାବକୁ ଦର୍ଶାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତେବେ ରାଷ୍ଟ୍ରପତି କାଗାମେ ସାମାଜିକ ଗଣମାଧ୍ୟମରେ ଦେଶବାସୀଙ୍କୁ ସମର୍ଥନପାଇଁ କୃତଜ୍ଞତା ଜଣାଇଛନ୍ତି ।

## ଟି.ଏନ୍. - ଆକ୍ସିଡେଣ୍ଟ

ତାମିଲନାଡୁର ତିରୁଭାଲୁର୍‌ଠାରେ ଗତ ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ଚେନ୍ନାଇ ନିକଟସ୍ଥ ଏକ ଘରୋଇ ଯାନ୍ତ୍ରିକ ବିଦ୍ୟାଳୟର ଏହି ଛାତ୍ରମାନେ ଚେନ୍ନାଇ-ତିରୁପତି ଜାତୀୟ ରାଜପଥରେ ରାଜସ୍ଥାନ ଅଭିମୁଖେ ଯାଉଥିବାବେଳେ ଗୋଟିଏ ଟ୍ରକ୍ ତାଙ୍କ କାର୍‌କୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **'ବିପର୍ଯ୍ୟୟ ସମୟରେ ସୁରକ୍ଷିତ ରହିବାର ଉପାୟ'** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସଦସ୍ୟ ଏସ୍. ବସ୍ତ ଏବଂ ନୂଆଦିଲ୍ଲୀ ସ୍ଥିତ ଏମ୍‌ସ୍‌ର ଜେ.ପି.ଏନ୍.ଏ. ଟ୍ରମା ସେଣ୍ଟର ମୁଖ୍ୟ ଡାକ୍ତର କାମରାନ୍ ଫାରୁକ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-

୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## ନୀଟ୍ - ପି.ଜି.

ନୀଟ୍-ପ.ଜି. ପ୍ରବେଶିକା ପରୀକ୍ଷା-୨୦୨୪ ଦେଶର ୧୭୦ଟି ସହରରେ ଗତକାଲି ସଫଳତାର ସହ ଶେଷ ହୋଇଛି । ଜାତୀୟ ପରୀକ୍ଷଣ ବୋର୍ଡ଼ ଦ୍ୱାରା ଆୟୋଜିତ ଏହି ପରୀକ୍ଷାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ୨୮ ହଜାର ୫୪୦ ଜଣଙ୍କୁ ପ୍ରବେଶ ପତ୍ର ପ୍ରଦାନ କରାଯାଇଥିଲା । ଏହି ପରୀକ୍ଷା ପାଇଁ ୩୦୦ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା । ପରୀକ୍ଷା ପରିଚାଳନାର ତଦାରଖପାଇଁ ୮ଟି ଆଞ୍ଚଳିକ କମାଣ୍ଡ ସେଣ୍ଟର୍ ପ୍ରତିଷ୍ଠା କରାଯାଇଥିଲା । ବିଭିନ୍ନ ସଂସ୍ଥା ସହ ସମନ୍ୱୟ ରକ୍ଷା କରି କଡ଼ା ସୁରକ୍ଷା

ବ୍ୟବସ୍ଥା ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବା ନେଇ ବୋର୍ଡ଼ ସୂଚନା ଦେଇଛି ।

## ଡବ୍ଲ୍ୟୁ.ସି.ଡି. - ମିଟ୍

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଦେଶରେ ମହିଳା ଓ ଶିଶୁଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ମିଳିତ ଉଦ୍ୟମ ର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଉପରାଜ୍ୟପାଳ ଓ ପ୍ରଶାସକ ଏବଂ ରାଜ୍ୟ ସମାଜ କଲ୍ୟାଣ ମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଥମ ଜାତୀୟସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି।

ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏଭଳି ସହଯୋଗ ଜରୁରୀ ବୋଲି କହିଥିଲେ। ମିଶନସକ୍ଷମ ଅଙ୍ଗନଓ୍ୱାଡ଼ି ଏବଂ ପୋଷଣ ୨.୦, ମିଶନ ବାତ୍ସଲ୍ୟ ଏବଂ ମିଶନ ଶକ୍ତି ଅଧୀନରେ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ସେ କହିଥିଲେ।

ଏହି ବୈଠକରେ ୨୮ ଜଣ ରାଷ୍ଟ୍ରମନ୍ତ୍ରୀଙ୍କ ମଧ୍ୟରୁ ୨୧ ଜଣ ମନ୍ତ୍ରୀ ଯୋଗ ଦେଇଥିଲେ। ଏଥିରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ

ଚାଲିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଜାରି ରହିଥିବା କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ରଣନୀତିର ସମୀକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଜଷ୍ଟିସ୍ - ବଂଶୀଲାଲ୍ ଭଟ୍ଟ

ଲଦାଖ ବାସ୍ତବ ନିୟନ୍ତ୍ରଣ ରେଖା ନିମନ୍ତେ ଗଠିତ ସଂରକ୍ଷଣ ଆୟୋଗର ଅଧ୍ୟକ୍ଷ ତଥା ଲଦାଖ ଓ ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବଂଶୀଲାଲ ଭଟ୍ଟ କାର୍ଗିଲରେ ନିୟନ୍ତ୍ରଣ ରେଖା ନିକଟରେ ଥିବା ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ଦ୍ରାସ ସବ୍‌ଡିଭିଜନ, ମୁଶ୍‌କୁ ଘାଟୀ ଏବଂ ଲାଟୁ, କାର୍କିତ୍ ଓ କାକସର ଗାଁ ପରିଦର୍ଶନ କରିଛନ୍ତି । ସେ କାର୍ଗିଲ ସହରର ବାସିନ୍ଦା ଏବଂ ସ୍ଥାନୀୟ ପ୍ରତିନିଧିମାନଙ୍କୁ ମଧ୍ୟ ସାକ୍ଷାତ୍ କରିଥିବା ଜଣାପଡ଼ିଛି ।

*****